# NATIONAL NEWS BULLETIN (ODIA)

**21 April- 2025**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ପ୍ରଶାସନିକ ସେବା ଦିବସ ଅବସରରେ ସମସ୍ତ ପ୍ରଶାସନିକ କର୍ମଚାରୀଙ୍କୁ ଶୁଭେଚ୍ଛା ଜଣାଇଲେ ରାଷ୍ଟ୍ରପତି

– ଶାସନ, ସ୍ୱଚ୍ଛତା ଏବଂ ନବସୃଜନ କ୍ଷେତ୍ରରେ ନୂତନ ମାନଦଣ୍ଡ ସ୍ଥାପନ କରୁଛି ଭାରତ, କହିଲେ ପ୍ରଧାନମନ୍ତ୍ରୀ

- ମହାକାଶରେ ଦୁଇଟି ଉପଗ୍ରହର ପୁଣିଥରେ ସଂଲଗ୍ନ ପ୍ରକ୍ରିୟା ସଫଳତାର ସଂପନ୍ନ କଲା ଇସ୍ରୋ

- କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ମନ୍ତବ୍ୟକୁ କଡ଼ା ସମାଲୋଚନା କରିଛି ବିଜେପି

- ଚାରିଦିନିଆ ଭାରତ ଗସ୍ତରେ ଆସି ପହଞ୍ଚିଲେ ଆମେରିକା ଉପରାଷ୍ଟ୍ରପତି ଜେଡି ଭାନ୍ସ

- ପୋପ୍ ଫ୍ରାନ୍ସିସଙ୍କର ୮୮ ବର୍ଷ ବୟସରେ ପରଲୋକ

ଏବଂ

- ଆଇପିଏଲ୍ କ୍ରିକେଟରେ ଆଜି ମୁହାଁମୁହିଁ ହେବେ କୋଲକାତା ନାଇଟ ରାଇଡର୍ସ ଓ ଗୁଜରାଟ ଟାଇଟନ୍ସ

## ପ୍ରେଜ୍- ସିଭିଲ୍ ସର୍ଭାଣ୍ଟ ଡେ

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି ପ୍ରଶାସନିକ ସେବା ଦିବସ ଅବସରରେ ସମସ୍ତ ପ୍ରଶାସନିକ କର୍ମଚାରୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ରାଷ୍ଟ୍ରପତି କହିଛନ୍ତି, ଜନସେବା, ନୀତି ନିର୍ଦ୍ଧାରଣ ଏବଂ ଏହାର କାର୍ଯ୍ୟକାରିତାରେ ପ୍ରଶାସନିକ କର୍ମଚାରୀଙ୍କ ଭୂମିକା, ନାଗରିକଙ୍କ କଲ୍ୟାଣ ଏବଂ ଦେଶର ବିକାଶକୁ ଆଗକୁ ନେଇଛି । ରାଷ୍ଟ୍ରପତି କହିଛନ୍ତି ଦେଶକୁ ଏହାର ଲକ୍ଷ୍ୟ ହାସଲ କରିବା ଏବଂ ପ୍ରଭାବଶାଳୀ ଶାସନରେ  ନୂତନ ମାନଦଣ୍ଡ ପ୍ରତିଷ୍ଠା କରିବାରେ ସରକାରୀ କର୍ମଚାରୀମାନେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରନ୍ତି ।

---

## ପିଏମ୍-ସିଭିଲ୍ ସର୍ଭିସେସ୍ ଡେ

ସରକାର ଦେଶରେ ସାମଗ୍ରିକ ବିକାଶ ସୁନିଶ୍ଚିତ କରିଥିବାରୁ ଗତ ୧୦ବର୍ଷ ମଧ୍ୟରେ ଭାରତ ପ୍ରଭାବଶାଳୀ ପରିବର୍ତ୍ତନ ଦେଖିଛି ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି । ଆଜି ନୂଆଦିଲ୍ଲୀରେ ୧୭ତମ ପ୍ରଶାସନିକ ସେବା ଦିବସ ଅବସରରେ ପ୍ରଶାସନିକ ଅଧିକାରୀମାନଙ୍କୁ ସମ୍ବୋଧିତ କରି ଶ୍ରୀ ମୋଦୀ କହିଛନ୍ତି, ସାମଗ୍ରିକ ବିକାଶର ଅର୍ଥ ହେଉଛି ପ୍ରତ୍ୟେକ ଘରକୁ ସ୍ୱଚ୍ଛ ଜଳ, ପ୍ରତ୍ୟେକ ପିଲାଙ୍କୁ ଗୁଣାତ୍ମକ ଶିକ୍ଷା, ପ୍ରତ୍ୟେକ ଉଦ୍ୟୋଗୀଙ୍କୁ ଆର୍ଥିକ ସୁବିଧା ଏବଂ ପ୍ରତ୍ୟେକ ଗାଁକୁ ଡିଜିଟାଲ ଅର୍ଥନୀତିର ଲାଭ ଯୋଗାଇଦେବା । ଶ୍ରୀ ମୋଦୀ କହିଛନ୍ତି, ପ୍ରକୃତ ବିକାଶ ଛୋଟଛୋଟ ପରିବର୍ତ୍ତନ ବିଷୟରେ ନୁହେଁ, ବରଂ ବୃହତ ଏବଂ ଅର୍ଥପୂର୍ଣ୍ଣ ପ୍ରଭାବକୁ ବୁଝାଏ । ଦେଶର ଯୁବବର୍ଗ,  କୃଷକ ଏବଂ ମହିଳାଙ୍କ ସ୍ୱପ୍ନ ଶିଖରରେ ପହଞ୍ଚିଛି ବୋଲି  କହିବା ସହ ସେମାନଙ୍କର ଆକାଂକ୍ଷା ପୂରଣ

କରିବା ପାଇଁ ଅସାଧାରଣ ଗତିର ଆବଶ୍ୟକତା ଉପରେ ପ୍ରଧାନମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି ।

**V/O**

**(PM New Challenges)**

ଶ୍ରୀ ମୋଦୀ କହିଛନ୍ତି, ଭାରତ ଶାସନ, ସ୍ୱଚ୍ଛତା ଏବଂ ନବସୃଜନ କ୍ଷେତ୍ରରେ ନୂତନ ମାନଦଣ୍ଡ ସ୍ଥାପନ କରୁଛି । ଗତ ଏକଦଶନ୍ଧି ମଧ୍ୟରେ ଭାରତରେ ବଡ଼ ପରିବର୍ତ୍ତନ ଆସିଛି ଏବଂ ଦେଶ ଏବେ କେବଳ ଅଭିବୃଦ୍ଧି ଉପରେ ଧ୍ୟାନ ଦେଉନାହିଁ, ବରଂ ଶାସନ, ସ୍ୱଚ୍ଛତା ଏବଂ ନବସୃଜନ କ୍ଷେତ୍ରରେ ନୂତନ ମାନଦଣ୍ଡ ସ୍ଥାପନ କରୁଛି ।

**V/O**

**(PM India after 10 years)**

ଆକାଂକ୍ଷି ଜିଲ୍ଲା କାର୍ଯ୍ୟକ୍ରମ ବିଷୟରେ ପ୍ରଧାନମନ୍ତ୍ରୀ କହିଛନ୍ତି, ଏହି ପଦକ୍ଷେପ ମାଧ୍ୟମରେ ଦେଶର ବିଭିନ୍ନ ସ୍ଥାନରେ ସ୍ୱାସ୍ଥ୍ୟ, ସାମାଜିକ ବିକାଶ ଏବଂ ମୌଳିକ ଭିତ୍ତିଭୂମିର ପ୍ରମୁଖ ସୂଚକାଙ୍କରେ ଅଭୂତପୂର୍ବ ପରିବର୍ତ୍ତନ ଦେଖିବାକୁ ମିଳୁଛି। ସେ କହିଛନ୍ତି, ଲୋକମାନଙ୍କ ପାଖରେ କେତେ ସହଜରେ ଯୋଜନାଗୁଡ଼ିକ ପହଞ୍ଚି ପାରିବ ଏବଂ ପ୍ରଭାବଶାଳୀ ହୋଇପାରିବ ତାହା ଶାସନର ଗୁଣବତ୍ତା ଉପରେ ନିର୍ଭର କରେ । ପ୍ରଧାନମନ୍ତ୍ରୀ କହିଛନ୍ତି, ସରକାର ଆଜି ଯେଉଁ ନୀତି ପ୍ରସ୍ତୁତ କରୁଛନ୍ତି ଏବଂ ନିଷ୍ପତ୍ତି ନେଉଛନ୍ତି, ତାହା ଆଗାମୀ ହଜାରେ ବର୍ଷ ପାଇଁ ଏକ ଦୃଢ଼ ଭବିଷ୍ୟତ ଗଠନ କରିବାକୁ ଯାଉଛି । ବୈଷୟିକ ଜ୍ଞାନ କୌଶଳ ଯୁଗରେ ଶାସନ ବ୍ୟବସ୍ଥା ପରିଚାଳନା ସହ ସମ୍ଭାବନାକୁ ବହୁଗୁଣିତ କରିବା ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି ।

ତାଙ୍କ ଅଭିଭାଷଣରେ ଶ୍ରୀ ମୋଦୀ କହିଛନ୍ତି, ପରିବର୍ତ୍ତନଶୀଳ ସମୟରେ ବିଶ୍ୱସ୍ତରୀୟ ଆହ୍ୱାନଗୁଡ଼ିକ ଉପରେ ତୀକ୍ଷ୍ଣ ନଜର ରଖିବା ଆବଶ୍ୟକ। ବିଶେଷକରି ବିଶ୍ୱ ପାଇଁ ଖାଦ୍ୟ, ଜଳ ଓ ଶକ୍ତି ନିରାପତ୍ତା ଏବେ ମଧ୍ୟ ବଡ଼ ଆହ୍ୱାନ ହୋଇ ରହିଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

**V/O**

**(PM on Policy)**

ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ  ଜିଲ୍ଲାର ସାମଗ୍ରିକ ବିକାଶ, ଆକାଂକ୍ଷୀ ବ୍ଲକ କାର୍ଯ୍ୟକ୍ରମ ଏବଂ ସରକାରୀ କର୍ମଚାରୀଙ୍କ ନବସୃଜନ ପାଇଁ ଅଧିକାରୀମାନଙ୍କୁ ପୁରସ୍କାର ପ୍ରଦାନ କରିଛନ୍ତି ।  ଶ୍ରୀ ମୋଦୀ ଏହି ଅବସରରେ ଦୁଇଟି ଇ-ବୁକ୍ ଉନ୍ମୋଚନ କରିଛନ୍ତି ।

---

# ପୋପ

ରୋମାନ୍ କ୍ୟାଥୋଲିକ୍ ଚର୍ଚ୍ଚର ୨୬୬ ତମ ପୋପ ଫ୍ରାନ୍‌ସିସ୍‌ଙ୍କର ଆଜି ୮୮ ବର୍ଷ ବୟସରେ ପରଲୋକ ହୋଇଛି । ବିଶ୍ୱର ସର୍ବବୃହତ ଖ୍ରୀଷ୍ଟିଆନ୍‌ଧର୍ମର ସର୍ବୋଚ୍ଚ ଧର୍ମଗୁରୁ ପୋପ ଫ୍ରାନ୍‌ସିସ୍ ୨୦୧୩ ମସିହାରେ ଭାଟିକାନ୍ ସିଟିରେ ପୋପ ଭାବେ ଆଧ୍ୟାତ୍ମିକ ଗୁରୁ ହୋଇଥିଲେ । ଗତକାଲି ଇଷ୍ଟର ରବିବାର ଦିନ ସଂକ୍ଷିପ୍ତ ସାର୍ବଜନୀନ ଦର୍ଶନ ଦେଇଥିଲେ । ଗତ କିଛିଦିନ ଧରି ସ୍ୱାସ୍ଥ୍ୟାବସ୍ଥାରେ ଅବନତି ଦେଖାଦେବା ପରେ ଡାକ୍ତରଖାନାରେ ଚିକିତ୍ସିତ ହେଉଥିଲେ ।

---

# ସ୍ପେସ୍-ଜିତେନ୍ଦ୍ର

ଭାରତୀୟ ମହାକାଶ ଗବେଷଣା ପ୍ରତିଷ୍ଠାନ-ଇସ୍ରୋକୁ ଆଜି ଆଉ ଏକ ସଫଳତା ମିଳିଛି । ଇସ୍ରୋ ଦ୍ୱାରା ଦ୍ୱିତୀୟ  ଥର ପାଇଁ ମହାକାଶରେ ଦୁଇଟି

ଉପଗ୍ରହର ସଂଲଗ୍ନ ପ୍ରକ୍ରିୟା ସଫଳତାର ସହ ସଂପନ୍ନ ହୋଇଥିବା କେନ୍ଦ୍ର ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ ଡକ୍ଟର ଜିତେନ୍ଦ୍ର ସିଂ କହିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଡକ୍ଟର ସିଂ କହିଛନ୍ତି, ଆସନ୍ତା ଦୁଇସପ୍ତାହ ମଧ୍ୟରେ ଏ ନେଇ ଅଧିକ ପରୀକ୍ଷଣ କରାଯିବାର ଯୋଜନା ରହିଛି । ମିଶନ ସଂପର୍କରେ ସୂଚନା ଦେଇ ସେ କହିଛନ୍ତି, ସ୍ପାଡେକ୍ସ ଅଧୀନରେ ପିଏସ୍‌ଏଲ୍‌ଭି-ସି-୬୦ ମିଶନକୁ ଗତବର୍ଷ ଡିସେମ୍ବର ୩୦ ତାରିଖରେ ଉତ୍‌କ୍ଷେପଣ କରାଯାଇଥିଲା । ପରେ ଚଳିତବର୍ଷ ଜାନୁଆରୀ ୧୬ ତାରିଖ ସକାଳ ୬ଟା ୨୦ ମିନିଟ୍‌ରେ ପ୍ରଥମଥର ପାଇଁ ୨ଟି ଉପଗ୍ରହକୁ ସଫଳତାର ସହ ଯୋଡ଼ାଯାଇଥିଲା ଏବଂ ଗତ ମାସ ୧୩ ତାରିଖ ସକାଳ ୯ଟା ୨୦ ରେ ସଫଳତାର ସହ ଅଲଗା କରାଯାଇଥିଲା ।

## ବିଜେପି-ରାହୁଲ ଗାନ୍ଧୀ

ବରିଷ୍ଠ କଂଗ୍ରେସ ନେତା ରାହୁଲ ଗାନ୍ଧୀ ଆମେରିକା ଗସ୍ତ ସମୟରେ ନିର୍ବାଚନ କମିଶନଙ୍କ ବିରୁଦ୍ଧରେ ଦେଇଥିବା ମନ୍ତବ୍ୟକୁ ବିଜେପି ସମାଲୋଚନା କରିଛି । ଶ୍ରୀ ଗାନ୍ଧୀ ବିଦେଶରେ ଭାରତୀୟ ଗଣତନ୍ତ୍ରକୁ ବଦନାମ କରିବାକୁ ଚେଷ୍ଟା କରୁଥିବା ବିଜେପି କହିଛି । ଗତ ମହାରାଷ୍ଟ୍ର ବିଧାନସଭା ନିର୍ବାଚନକୁ ନେଇ ରାହୁଲ ଗାନ୍ଧୀ ଦେଇଥିବା ମନ୍ତବ୍ୟକୁ ବିଜେପି ମୁଖପାତ୍ର ସମ୍ବିତ ପାତ୍ର ସମାଲୋଚନା କରି କହିଛନ୍ତି, ଝାଡ଼ଖଣ୍ଡ ବିଧାନସଭା ନିର୍ବାଚନରେ କଂଗ୍ରେସ ଓ ଏହାର ସହଯୋଗୀମାନେ କେଉଁ ବୁଝାମଣା କରି ବିଜୟ ହାସଲ କରିଛନ୍ତି, କଂଗ୍ରେସ ନେତା ତାହାର ଉତ୍ତର ଦେବା ଉଚିତ । ୨୦୨୪ ଲୋକସଭା ନିର୍ବାଚନରେ ବିଜେପି ୨୪୦ଟି ଆସନରେ ବିଜୟୀ ହୋଇଥିବା ବେଳେ କଂଗ୍ରେସ ମାତ୍ର ୯୯ଟି ଆସନରେ ବିଜୟୀ ହୋଇଥିଲା । ତଥାପି କଂଗ୍ରେସ ଏହାକୁ ବିଜେପି ପାଇଁ ପରାଜୟ

ବୋଲି ଦାବି କରିଥିବା ସେ କହିଛନ୍ତି । ଭାରତରେ ଅବାଧ ଓ ନିରପେକ୍ଷ ନିର୍ବାଚନ ବ୍ୟବସ୍ଥା ଥିବାରୁ ଏହା ସମ୍ଭବ ହୋଇପାରିଛି ବୋଲି ଶ୍ରୀ ପାତ୍ର କହିଛନ୍ତି । ସେ କହିଛନ୍ତି, ବିଦେଶରେ ଭାରତକୁ ଅପମାନିତ କରୁଥିବା ରାହୁଲ ଗାନ୍ଧୀ ମନେରଖିବା ଉଚିତ ଯେ ସେ ନ୍ୟାଶନାଲ୍ ହେରାଲ୍ଡ ମାମଲାରେ ଦୁର୍ନୀତି ଅଭିଯୋଗର ସମ୍ମୁଖୀନ ହୋଇଛନ୍ତି ଏବଂ ୫୦ ହଜାର ଟଙ୍କାର ମୁଚାଲିକାରେ ଜାମିନରେ ଅଛନ୍ତି ।

ଗତକାଲି ବୋଷ୍ଟନରେ ପ୍ରବାସୀ ଭାରତୀୟମାନଙ୍କୁ ସମ୍ବୋଧିତ କରି ଶ୍ରୀ ଗାନ୍ଧୀ କହିଥିଲେ ଯେ ନିର୍ବାଚନ ଆୟୋଗ ଭାରତରେ ଆପୋଷ ବୁଝାମଣାରେ ଚାଲିଛି । ନ୍ୟାଶନାଲ୍ ହେରାଲ୍ଡ ମାମଲାରେ ହୋଇଥିବା ଦୁର୍ନୀତି ପ୍ରସଙ୍ଗରେ ବିଜେପି ମୁଖପାତ୍ର ଶ୍ରୀ ପାତ୍ର କଂଗ୍ରେସକୁ ଦୃଢ଼ ସମାଲୋଚନା କରିଛନ୍ତି ।

# ଭାନ୍ସ-ଇଣ୍ଡିଆ ଭିଜିଟ୍

ଆମେରିକା ଉପରାଷ୍ଟ୍ରପତି ଜେ.ଡି. ଭାନ୍ସ ଚାରିଦିନିଆ ଭାରତ ଗସ୍ତରେ ଆସି ଆଜି ନୂଆଦିଲ୍ଲୀରେ ପହଞ୍ଚିଛନ୍ତି । ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ନୂଆଦିଲ୍ଲୀ ବିମାନ ବନ୍ଦରରେ ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ । ଆମେରିକା ଉପରାଷ୍ଟ୍ରପତିଙ୍କୁ ଗାର୍ଡ ଅଫ୍ ଅନର ପ୍ରଦାନ କରାଯାଇଥିଲା । ଜେ.ଡି. ଭାନ୍‌ସଙ୍କ ସହ ଉଷା ଭାନ୍ସ ଏବଂ ଆମେରିକା ପ୍ରଶାସନର ବରିଷ୍ଠ ସଦସ୍ୟମାନଙ୍କୁ ନେଇ ଏକ ଦଳ ଭାରତ ଗସ୍ତରେ ଆସିଛନ୍ତି । ଆଜି ସନ୍ଧ୍ୟାରେ ଆମେରିକା ଉପରାଷ୍ଟ୍ରପତି’ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ସାକ୍ଷାତ କରିବେ । ଏହା ବ୍ୟତୀତ ସେ ଆଜି ଅକ୍ଷରଧାମ

ମନ୍ଦିର ପରିଦର୍ଶନ କରିବା ସହ ଜୟପୁର ଓ ଆଗ୍ରା ଗସ୍ତ କରିବାର କାର୍ଯ୍ୟସୂଚୀ ରହିଛି ।

ଆମେରିକା ଉପରାଷ୍ଟ୍ରପତି ଜେ.ଡି. ଭାନ୍ସଙ୍କ ଏହା ହେଉଛି ପ୍ରଥମ ଭାରତ ଗସ୍ତ । ଉଭୟ ଦେଶ ମଧ୍ୟରେ ସଂପର୍କରେ ଅଗ୍ରଗତି ଏବଂ ଭାରତ-ଆମେରିକା ଦ୍ୱିପାକ୍ଷିକ କାର୍ଯ୍ୟକ୍ରମ ଗୁଡ଼ିକର ଏହି ଅବସରରେ ସମୀକ୍ଷା କରାଯିବ ବୋଲି ଜଣାପଡ଼ିଛି । ସୂଚନାଯୋଗ୍ୟ, ଗତ ଫେବୃୟାରୀ ମାସ ୧୩ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆମେରିକା ଗସ୍ତ ସମୟରେ ମିଳିତ ବିବୃତି ଜାରି କରି ଉଭୟ ପକ୍ଷ ପାରସ୍ପରିକ ସ୍ୱାର୍ଥର ଆଞ୍ଚଳିକ ଏବଂ ବିଶ୍ୱସ୍ତରୀୟ ବିକାଶ ଉପରେ ମତ ରଖିଥିଲେ ।

---

## ଇରାନ୍-ୟୁଏସ୍ ଟକ୍

ଇରାନର ଉପବୈଦେଶିକ ମନ୍ତ୍ରୀ କାଜିମ୍ ଘରିବାବାଦି କହିଛନ୍ତି, ଆମେରିକା ସହ ପରୋକ୍ଷ ଆଲୋଚନାରେ ଇରାନ କୂଟନୈତିକ ପ୍ରକ୍ରିୟାରେ କୌଣସି ବିଳମ୍ବ ଚାହୁଁନାହିଁ । ଗତକାଲି ତେହରାନ୍‌ରେ ସଂସଦର ଜାତୀୟ ସୁରକ୍ଷା ଓ ବୈଦେଶିକ ନୀତି କମିଟିର ସଦସ୍ୟମାନଙ୍କ ସହ ହୋଇଥିବା ବୈଠକରେ ସେ ଏହା କହିଛନ୍ତି । ସେ କହିଛନ୍ତି, ତେହରାନ୍ ଏବଂ ୱାଶିଂଟନ୍ ଗତକାଲି ଇଟାଲୀର ରାଜଧାନୀ ରୋମ୍‌ରେ ଦ୍ୱିତୀୟ ପର୍ଯ୍ୟାୟ ପରୋକ୍ଷ ଆଲୋଚନାରେ ସାମଗ୍ରିକ ଢ଼ାଞ୍ଚା ଉପରେ ଆଲୋଚନା ସହିତ ସହମତି ପ୍ରକାଶ କରିଥିଲେ । ଉପବୈଦେଶିକ ମନ୍ତ୍ରୀ କହିଛନ୍ତି, ଇରାନ ଉପରେ ସମସ୍ତ ପ୍ରତିବନ୍ଧକ ଏଭଳି ଭାବରେ ହଟାଯିବା ଉଚିତ, ଯାହା ସେଠାକାର ଲୋକମାନଙ୍କୁ ଅର୍ଥନୈତିକ ଭାବେ ଲାଭାନ୍ୱିତ

କରିବ ଏବଂ ତେହରାନ୍ ୟୁରାନିୟମ ସମୃଦ୍ଧ କରିବାର ଅଧିକାର ଉପରେ ଆଲୋଚନା କରିବ ନାହିଁ ।

ଗତ ୧୨ ତାରିଖରେ ଓମାନ୍‌ର ରାଜଧାନୀ ମସ୍କଟ୍‌ଠାରେ ଇରାନ୍ ଓ ଆମେରିକା ମଧ୍ୟରେ ହୋଇଥିବା ଆଲୋଚନା ମୁଖ୍ୟତଃ ତେହରାନ୍‌ର ପରମାଣୁ କାର୍ଯ୍ୟକ୍ରମ ଓ ଆମେରିକାର ପ୍ରତିବନ୍ଧକ ହଟାଇବା ଉପରେ କେନ୍ଦ୍ରିତ ଥିଲା ।

## ଆଇ.ପି.ଏଲ୍.

ଆଇ.ପି.ଏଲ୍. କ୍ରିକେଟ୍‌ରେ ଆଜି କୋଲ୍‌କାତା ନାଇଟ୍ ରାଇଡର୍ସ ଓ ଗୁଜରାଟ୍ ଟାଇଟନ୍‌ସ ମଧ୍ୟରେ ମୁକାବିଲା ହେବ । ଏହି ମ୍ୟାଚ୍ କୋଲ୍‌କାତାର ଇଡେନ୍ ଗାର୍ଡେନ୍‌ଠାରେ ସନ୍ଧ୍ୟା ସାଢ଼େ ୭ଟାରେ ଖେଳାଯିବ ।

ଗତକାଲିର ମ୍ୟାଚ୍‌ରେ ମୁମ୍ବାଇ ଇଣ୍ଡିଆନ୍ସ ବିଜୟୀ ହୋଇଛି । ମୁମ୍ବାଇର ୱାଙ୍ଖେଡ଼ ଷ୍ଟାଡିୟମ୍‌ରେ ଖେଳାଯାଇଥିବା ଏହି ମ୍ୟାଚ୍‌ରେ ମୁମ୍ବାଇ ୯ ୱିକେଟ୍‌ରେ ଚେନ୍ନାଇ ସୁପର କିଙ୍ଗ୍‌ସକୁ ପରାସ୍ତ କରିଛି । ନିର୍ଦ୍ଧାରିତ ୨୦ ଓଭର୍‌ରେ ଚେନ୍ନାଇ ୫ ୱିକେଟ୍ ବିନିମୟରେ ୧୭୬ ରନ୍ ସଂଗ୍ରହ କରିଥିଲା । ୧୭୭ ରନ୍‌ର ବିଜୟ ଲକ୍ଷ୍ୟକୁ ମୁମ୍ବାଇ ୨୬ଟି ବଲ୍ ବାକିଥାଇ ୧ ୱିକେଟ୍ ବିନିମୟରେ ହାସଲ କରିଥିଲା ।

ଗତକାଲିର ପ୍ରଥମ ମ୍ୟାଚ୍‌ରେ ରୟାଲ୍ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ୭ ୱିକେଟ୍‌ରେ ପଞ୍ଜାବ କିଙ୍ଗ୍‌ସକୁ ପରାସ୍ତ କରିଥିଲା । ପଞ୍ଜାବ କିଙ୍ଗ୍‌ସ୍ ନିର୍ଦ୍ଧାରିତ ୨୦ ଓଭର୍‌ରେ ୬ ୱିକେଟ୍‌ରେ ୧୫୭ ରନ୍ ସଂଗ୍ରହ କରିଥିଲା । ବିଜୟ ଲକ୍ଷ୍ୟକୁ ବେଙ୍ଗାଲୁରୁ ୧୮ ଓଭର ୫ଟି ବଲ୍‌ରେ ୩ ୱିକେଟ୍ ବିନିମୟରେ ହାସଲ କରିପାରିଥିଲା ।